प्रेस प्रकाशनी PRESS RELEASE

भारतीय रिज़र्व बैंक
RESERVE BANK OF INDIA


वेबसाइट : www.rbi.org.in/hindi
Website : www.rbi.org.in
ई-मेल/email : helpdoc@rbi.org.in

**संचार विभाग,** केंद्रीय कार्यालय, शहीद भगत सिंह मार्ग, फोर्ट, मुंबई - 400 001
**Department of Communication**, Central Office, Shahid Bhagat Singh Marg, Fort, Mumbai - 400 001 फोन/Phone: 022 - 2266 0502


30 ଜାନୁଆରୀ 2025

**ପ୍ରେସ୍ ବିଜ୍ଞପ୍ତି**

**ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ଵାରା ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଲିମିଟେଡ୍ ଉପରେ ଆର୍ଥିକ ଜରିମାନା ଲାଗୁ**

ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ), 28 ଜାନୁଆରୀ, 2025 ର ଏକ ଆଦେଶ ଅନୁଯାୟୀ, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କ ଲିମିଟେଡ୍ ଉପରେ ବ୍ୟାଙ୍କିଙ୍ଗ ନିୟମାବଳୀ ଅଧିନିୟମ, 1949 (ବିଆର୍ ଅଧିନିୟମ) ର ଧାରା 9 ଏବଂ ଧାରା 26A ନିର୍ଦ୍ଦେଶନାମା ପାଳନ ନକରିଥିବା ହେତୁ, ₹4.00 ଲକ୍ଷ (ଚାରି ଲକ୍ଷ ଟଙ୍କା ମାତ୍ର) ଜରିମାନା ଲଗା ଯାଇଅଛି | ବ୍ୟାଙ୍କିଙ୍ଗ  ନିୟମାବଳୀ ଅଧିନିୟମ, 1949 ର ଧାରା 47 ଏ (1) (ସି) ସହ ପଠିତ ଧାରା 46 (4) (i) ଏବଂ ଧାରା 56 ଦ୍ଵାରା ପ୍ରଦତ୍ତ କ୍ଷମତା ବଳରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଦ୍ଵାରା, ଏହି ଜରିମାନା ଲାଗୁ କରାଯାଇଅଛି |

31 ମାର୍ଚ୍ଚ 2023 ର ବ୍ୟାଙ୍କର ଆର୍ଥିକ ସ୍ଥିତି ଆଧାରରେ ରାଷ୍ଟ୍ରୀୟ କୃଷି ଏବଂ ଗ୍ରାମୀଣ ବିକାଶ ବ୍ୟାଙ୍କ (ନାବାର୍ଡ) ଦ୍ଵାରା ବ୍ୟାଙ୍କର ବୈଧାନିକ ନିରୀକ୍ଷଣ କରାଯାଇଥିଲା। ପର୍ଯ୍ୟବେକ୍ଷଣ ଅନୁସନ୍ଧାନ ଉପରେ ଆଧାର କରି ବୈଧାନିକ ବ୍ୟବସ୍ଥାର ଉଲ୍ଲଂଘନ ଯୋଗୁ ବ୍ୟାଙ୍କକୁ ଏକ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଥିଲା, ଯେଉଁଥିରେ ବ୍ୟାଙ୍କକୁ ବ୍ୟାଙ୍କିଙ୍ଗ ନିୟମାବଳୀ ଅଧିନିୟମ, 1949 ପାଳନ ନକରିଥିବାରୁ କାହିଁକି ଦଣ୍ଡବିଧାନ କରାଯିବ ନାହିଁ ସେ ସମ୍ପର୍କରେ ସ୍ପଷ୍ଟୀକରଣ ଦେବାକୁ କୁହାଯାଇଥିଲା । ବ୍ୟାଙ୍କର ନୋଟିସର ଉତ୍ତର ଏବଂ ବ୍ୟକ୍ତିଗତ ଶୁଣାଣି ସମୟରେ କରାଯାଇଥିବା ମୌଖିକ ଉପସ୍ଥାପନାକୁ ବିଚାର କରି, ଆରବିଆଇ ଜାଣିବାକୁ ପାଇଲେ ଯେ ବ୍ୟାଙ୍କ ବିରୋଧରେ ନିମ୍ନଲିଖିତ ଅଭିଯୋଗ ବଳବତ୍ତର ରହିଥିଲା, ଯେଉଁଥିପାଇଁ ଆର୍ଥିକ ଦଣ୍ଡର ଆବଶ୍ୟକତା ଅଛି:

ବ୍ୟାଙ୍କ:

i. ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ କିଛି ଅଣ-ବ୍ୟାଙ୍କିଙ୍ଗ ସମ୍ପତ୍ତିର ନିଷ୍ପାଦନ କରିବାରେ ବିଫଳ ହୋଇଛି; ଏବଂ

ii. ନିର୍ଦ୍ଧାରିତ ସମୟ ମଧ୍ୟରେ ଯୋଗ୍ୟ ଅଣଦାବି ରାଶିକୁ ଜମାକାରୀ ଶିକ୍ଷା ଏବଂ ସଚେତନତା ପାଣ୍ଠିକୁ ସ୍ଥାନାନ୍ତର କରିବାରେ ବିଫଳ ହୋଇଛି |

ଏହି କାର୍ଯ୍ୟାନୁଷ୍ଠାନ, ନିୟାମକ ଅନୁପାଳନରେ ହୋଇଥିବା ତ୍ରୁଟି ଉପରେ ଆଧାରିତ ଏବଂ ଏହାର ଗ୍ରାହକ ମାନଙ୍କ ସହିତ ବ୍ୟାଙ୍କ ଦ୍ଵାରା ହୋଇଥିବା କୌଣସି କାରବାର କିମ୍ବା ଚୁକ୍ତିର ବୈଧତା ଉପରେ ପ୍ରଶ୍ନ କରିବା ଉଦ୍ଦେଶ୍ୟରେ ନୁହେଁ | ଏତଦବ୍ୟତିତ, ଆରବିଆଇ ଦ୍ଵାରା ବ୍ୟାଙ୍କ ଉପରେ ଲଗାଯାଇଥିବା ଆର୍ଥିକ ଜରିମାନା ଅନ୍ୟ କୌଣସି କାର୍ଯ୍ୟନୁଷ୍ଠାନ ଉପରେ ପ୍ରତିକୂଳ ପ୍ରଭାବ ପକାଇବ ନାହିଁ ।

(ପୂନୀତ ପଞ୍ଚୋଲି)
ମୁଖ୍ୟ ମହା ପ୍ରବନ୍ଧକ

ପ୍ରେସ୍ ରିଲିଜ୍: **2024-2025/2042**